# ଧରିତ୍ରୀ

DHARITRI.COM

Vol IX Issue No.33 Saturday, 02 February 2008



The Berkshire Miracle Berkshire Hathaway made Warren Buffett the 2nd richest man in the world. And in Omaha, Nebraska alone, more than 30 families own $100 million worth of Berkshire stock. If you missed out on the Berkshire miracle, a rare second chance awaits you. In a new free report, The Motley Fool reveals what could be the next Berkshire Hathaway.
Click here to get your FREE report now! ►
A TRUSTED SERVICE FROM The Motley Fool
www.Fool.com
Feedback - Ads by Google

previous || next

## କେନ୍ଦ୍ର ରାଜନୈତିକ ବାଛବିଚାର କରୁଛି: ମୁଖ୍ୟମନ୍ତ୍ରୀ

Click to enlarge text: A A A A

ଶିକ୍ଷ ବିକାଶ ପରିପ୍ରେକ୍ଷୀରେ ବୈଷୟିକ ମାନବ ସମ୍ବଳ ବିକାଶର ଜରୁରୀ ଆବଶ୍ୟକତା ରହିଛି । ଏନ୍ଏସ୍ଏସ୍ଓ ରିପୋର୍ଟ ଅନୁଯାୟୀ ଏକାଦଶ ପଞ୍ଚବାର୍ଷିକ ଯୋଜନାରେ ଉଚ୍ଚଶିକ୍ଷା କ୍ଷେତ୍ରରେ ପ୍ରବେଶ ହାର ଲକ୍ଷ୍ୟ ୧୫ ପ୍ରତିଶତ ରହିଥିବାବେଳେ ଓଡ଼ିଶାରେ ଏହି ହାର ମାତ୍ର ୬.୧ ପ୍ରତିଶତ ଅଟେ । ତେଣୁ ଆଇଆଇଟି ପରି ଉଚ୍ଚମାନର ବୈଷୟିକ ଶିକ୍ଷାନୁଷ୍ଠାନ ପ୍ରତିଷ୍ଠା ଦ୍ୱାରା ଉଚ୍ଚଶିକ୍ଷା କ୍ଷେତ୍ରରେ ଓଡ଼ିଶା ପରି ରାଜ୍ୟ ପ୍ରତି ହୋଇଥିବା ଐତିହାସିକ ବିଷମତା ଦୂର କରାଯାଇ ପାରିବ ବୋଲି ମୁଖ୍ୟମନ୍ତ୍ରୀ ତାଙ୍କ ଚିଠିରେ ଆଶାବ୍ୟକ୍ତ କରିଛନ୍ତି । ଓଡ଼ିଶାରେ ଏନ୍ଆଇଏସ୍ଇଆର୍ ପ୍ରତିଷ୍ଠା ହୋଇଥିବାରୁ ଆଇଆଇଟି ପରି ଗ୍ରୀନ୍ ଫିଲ୍ଡ ପ୍ରତିଷ୍ଠାନର ଆବଶ୍ୟକତା ନାହିଁ ବୋଲି ନିକଟରେ ଗଣମାଧ୍ୟମରେ କେନ୍ଦ୍ର ମାନବ ସମ୍ବଳ ବିକାଶ ବିଭାଗର ଜଣେ ବରିଷ୍ଠ ପଦାଧିକାରୀ ଦେଇଥିବା ମନ୍ତବ୍ୟରେ ମୁଖ୍ୟମନ୍ତ୍ରୀ ତାଙ୍କ ଚିଠିରେ କ୍ଷୋଭ ପ୍ରକାଶ କରିଛନ୍ତି । ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ପଶ୍ଚିମବଙ୍ଗରେ ଆଇଆଇଟି ପରି ଶିକ୍ଷାନୁଷ୍ଠାନ ଥିବାବେଳେ ଓଡ଼ିଶା ପାଇଁ ମଞ୍ଜୁର ହୋଇଥିବା ନ୍ୟାଶନାଲ ଇନଷ୍ଟିଚ୍ୟୁଟ୍ ଅଫ୍ ସାଇନ୍ସକୁ ପଶ୍ଚିମବଙ୍ଗକୁ ଉଠାଇ ନିଆଗଲା । ତେଣୁ ଓଡ଼ିଶାରେ ଏନ୍ଆଇଏସ୍ଇ ଆର୍ ଥିଲେ ମଧ୍ୟ ଆଇଆଇଟି ପରି ବୈଷୟିକ ଶିକ୍ଷାନୁଷ୍ଠାନ ମଞ୍ଜୁର କରିବାରେ ଅସୁବିଧା କେଉଁଠି ବୋଲି ମୁଖ୍ୟମନ୍ତ୍ରୀ ତାଙ୍କ ଚିଠିରେ ଦର୍ଶାଇ ଆଇଆଇଟି ପରି ଉଚ୍ଚମାନର ବୈଷୟିକ ଶିକ୍ଷାନୁଷ୍ଠାନ ଓଡ଼ିଶାରେ ପ୍ରତିଷ୍ଠାର ଜରୁରୀ ଆବଶ୍ୟକତା ରହିଛି ବୋଲି ପଟ୍ଟନାୟକ କହିଛନ୍ତି ।

previous || next

kijiji Get More Replies to Your Classified Ad
buy / sell cars jobs housing services pets personals

©2004 Dharitri All Rights Reserved.
Send all feedback / comments to webmail@dharitri.com.
Advertisement inquiries contact advt@dharitri.com.